# NATIONAL NEWS BULLETIN (ODIA)

**30 July- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଆଜିଠାରୁ ୩ ଦିନିଆ ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡ ଗସ୍ତ
- ଗତ ୩ ବର୍ଷ ମଧ୍ୟରେ ଦେଶର ସବୁ ରାଜ୍ୟକୁ ବନ୍ଦେ ଭାରତ ଟ୍ରେନ୍ ସେବା ପ୍ରଦାନ କରାଯାଇଛି, କହିଲେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ
- ଜାମ୍ମୁ କାଶ୍ମୀରର ପୁଞ୍ଚ୍ ସେକ୍ଟରରେ ଏଲ୍ଓସି ଅତିକ୍ରମ କରୁଥିବା ଲସ୍କର-ଇ-ତୋୟବାର ୨ ଆତଙ୍କବାଦୀଙ୍କୁ ନିପାତ କଲା ଭାରତୀୟ ସେନା
- ପଦ୍ମ ସମ୍ମାନ ପାଇଁ ମନୋନୟନ ଓ ସୁପାରିଶ ଅବଧି ଆସନ୍ତା ଅଗଷ୍ଟ ୧୫ ତାରିଖ ପର୍ଯ୍ୟନ୍ତ ବୃଦ୍ଧି

ଏବଂ

- ରୁଷ୍‌ର କାମ୍‌ଚାଟକା ଉପଦ୍ୱୀପର ପ୍ରଶାନ୍ତମହାସାଗର ଉପକୂଳରେ ଆଜି ସକାଳେ ୮ ଦଶମିକ ୮ ତୀବ୍ରତା ବିଶିଷ୍ଟ ଭୂମିକମ୍ପ ଅନୁଭୂତ

## ପ୍ରେଜ୍-ଡବ୍ଲ୍ୟୁବି-ଝାଡ଼ଖଣ୍ଡ ଭିଜିଟ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜିଠାରୁ ତିନି ଦିନିଆ ପଶ୍ଚିମବଙ୍ଗ ଏବଂ ଝାଡ଼ଖଣ୍ଡ ଗସ୍ତରେ ଯାଉଛନ୍ତି । ପଶ୍ଚିମବଙ୍ଗର କଲ୍ୟାଣୀ ସ୍ଥିତ ଏମସ୍‌ର ପ୍ରଥମ ସମାବର୍ତ୍ତନ ଉତ୍ସବରେ ରାଷ୍ଟ୍ରପତି ଯୋଗଦେବେ । ଝାଡ଼ଖଣ୍ଡ ଦେଓଘର ସ୍ଥିତ ଏମସ୍‌ର ପ୍ରଥମ

ସମାବର୍ତ୍ତନ ଉତ୍ସବରେ ରାଷ୍ଟ୍ରପତି ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ପରେ ରାଷ୍ଟ୍ରପତି ଧାନବାଦ ଆଇ.ଆଇ.ଟି. – ଇଣ୍ଡିଆନ୍ ସ୍କୁଲ୍ ଅଫ୍ ମାଇନ୍ସର ୪୫ତମ ସମାବର୍ତ୍ତନ ସମାରୋହରେ ଯୋଗଦେବେ ।

## ବୈଷ୍ଣବ-ବନ୍ଦେଭାରତ୍

ଗତ ତିନିବର୍ଷ ମଧ୍ୟରେ ଦେଶର ସବୁରାଜ୍ୟକୁ ବନ୍ଦେ ଭାରତ ଟ୍ରେନ୍ ସେବା ପ୍ରଦାନ କରାଯାଇଛି ବୋଲି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି । ଆଜି ଲୋକସଭାରେ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ବୈଷ୍ଣବ ସୂଚନା ଦେଇ କହିଛନ୍ତି ଯେ ବର୍ତ୍ତମାନ ସାରା ଦେଶରେ ୧୪୪ଟି ବନ୍ଦେ ଭାରତ ଟ୍ରେନ୍ ଚଳାଚଳ କରୁଛି । ଏହି ଟ୍ରେନ୍‌ର କାର୍ଯ୍ୟଦକ୍ଷତା ନେଇ ମତାମତ ଉତ୍ସାହଜନକ ଥିବାରୁ ବିଭିନ୍ନ ରାଜ୍ୟରୁ ଏଥିଲାଗି ଅଧିକ ଚାହିଦା ସୃଷ୍ଟି ହୋଇଛି ।

**V/O (Aswini)**

ଶ୍ରୀ ବୈଷ୍ଣବ ଆହୁରି କହିଛନ୍ତି, ସରକାର ମଧ୍ୟବିତ୍ତ ଓ ନିମ୍ନଆୟକାରୀ ବର୍ଗର କଲ୍ୟାଣ ପାଇଁ ପ୍ରତିବଦ୍ଧ । ଗତ କିଛିବର୍ଷ ଭିତରେ ସାଧାରଣ ଶ୍ରେଣୀ କୋଚ୍ ସଂଖ୍ୟା ବୃଦ୍ଧି ପାଇଛି । ସେ କହିଛନ୍ତି ଯେ ଟ୍ରେନ୍‌ରେ ମୋଟ୍ ୮୨ ହଜାର କୋଚ୍ ମଧ୍ୟରୁ ୭୦ ପ୍ରତିଶତ ସାଧାରଣ ଓ ଅଣ-ଶୀତତାପ ନିୟନ୍ତ୍ରିତ କୋଚ୍ ରହିଛି ।

## ଏଲ୍ଏସ୍-ରେଲୱେ ସେଫ୍ଟି

ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ ୨୦୧୪-୧୫ ବର୍ଷ ତୁଳନାରେ ଦେଶରେ ରେଳ ଦୁର୍ଘଟଣା ୭୭ ପ୍ରତିଶତ ହ୍ରାସ ପାଇଛି । ଲୋକସଭାରେ ଏକ ପ୍ରଶ୍ନର ଉତ୍ତର ଦେଇ ମନ୍ତ୍ରୀ କହିଛନ୍ତି ଯେ ୨୦୧୪-୧୫ରେ ୧୩୫ଟି ରେଳ ଦୁର୍ଘଟଣା ହୋଇଥିବା ବେଳେ ୨୦୨୪-୨୫ରେ ଏହା ହ୍ରାସ ପାଇ ୩୧ରେ

ପହଞ୍ଚିଛି । ମନ୍ତ୍ରୀ ଆହୁରି କହିଛନ୍ତି, ଯାତ୍ରୀ ଏବଂ ରେଳବାଇର ସୁରକ୍ଷା ଲାଗି ସରକାର ସ୍ୱଦେଶୀ ଜ୍ଞାନକୌଶଳରେ ବିକଶିତ କବଚ ପ୍ରଯୁକ୍ତିବିଦ୍ୟାର ଉପଯୋଗ ଉପରେ ଅଗ୍ରାଧିକାର ଦେଇଛନ୍ତି ।

## ଇସ୍ରୋ-ନିଶାର

ଭାରତୀୟ ମହାକାଶ ଗବେଷଣା ସଂଗଠନ - ଇସ୍ରୋ ପକ୍ଷରୁ ଆଜି ନାସା-ଇସ୍ରୋ ସିନ୍ଥେଟିକ୍ ଆପାର୍‌ଚର୍ ରାଡାର୍ ନିଶାର୍ ସାଟେଲାଇଟ୍‌ର ଉତ୍‌କ୍ଷେପଣ କରାଯିବ । ଶ୍ରୀହରିକୋଟାସ୍ଥିତ ସତୀଶ ଧାୱନ ମହାକାଶ କେନ୍ଦ୍ରରୁ ଅପରାହ୍ନ ୫ଟା ୪୦ ମିନିଟ୍‌ରେ ଜି.ଏସ୍.ଏଲ୍.ଭି. ଏଫ୍-୧୬ ରକେଟ୍ ମାଧ୍ୟମରେ ଏହି ସାଟେଲାଇଟ୍‌କୁ ଉତ୍‌କ୍ଷେପଣ କରାଯିବ । ଏଥିପାଇଁ ଗତକାଲି ଅପରାହ୍ଣ ୨ଟା ୧୦ ମିନିଟ୍‌ରୁ ଅବଗଣନା ଆରମ୍ଭ ହୋଇଛି । ପ୍ରତି ୧୨ ଦିନରେ ସମଗ୍ର ପୃଥିବୀକୁ ତର୍ଜମା କରିବା ଏହି ମିଶନ୍‌ର ଲକ୍ଷ୍ୟ । ଜଳବାୟୁ ପରିବର୍ତ୍ତନ ଓ ବିପର୍ଯ୍ୟୟ ପ୍ରତିକ୍ରିୟା ସମ୍ପର୍କିତ ଫଟୋ ଚିତ୍ର ଏହି ସାଟେଲାଇଟ୍ ପ୍ରଦାନ କରିବ ବୋଲି ଜଣାପଡ଼ିଛି । ପ୍ରାକୃତିକ ବିପର୍ଯ୍ୟୟ, ପରିବେଶଗତ ଅବକ୍ଷୟ, ଭୂକମ୍ପ ଭଳି ଗତିଶୀଳ ପ୍ରକ୍ରିୟାଗୁଡ଼ିକୁ ଏହି ସାଟେଲାଇଟ୍ ନିରୀକ୍ଷଣ କରିବା ସହ ଏ ସମ୍ପର୍କିତ ତଥ୍ୟ ପ୍ରଦାନ କରିବ ।

## ଜେକେ-ଟେରରିଷ୍ଟ କିଲ୍‌ଡ

ଜାମ୍ମୁ କାଶ୍ମୀରର ପୁଞ୍ଚ୍ ସେକ୍ଟରରେ ନିୟନ୍ତ୍ରଣରେଖା ଅତିକ୍ରମ କରୁଥିବା ଲସ୍କର ତୋଏବା ଦୁଇ ଆତଙ୍କବାଦୀଙ୍କୁ ସେନା ପକ୍ଷରୁ ଗୁଳିକରି ହତ୍ୟା କରାଯାଇଛି । ନିୟନ୍ତ୍ରଣରେଖା ବାଡ଼ ନିକଟରେ ଆଜି ସକାଳୁ ସେମାନଙ୍କ ଗତିବିଧି ସନ୍ଦେହଜନକ ରହିବା ପରେ ସେନା ପକ୍ଷରୁ ଏନକାଉଣ୍ଟର କରାଯାଇ ସେମାନଙ୍କୁ ନିପାତ କରାଯାଇଛି । ଏପ୍ରିଲ୍ ୨୨ ପହଲଗାମ ଆକ୍ରମଣରେ ସଂପୃକ୍ତ ଥିବା ଆତଙ୍କବାଦୀଙ୍କୁ ହତ୍ୟା କରାଯିବା ପରେ ସେନା ପକ୍ଷରୁ ସାମରିକ କାର୍ଯ୍ୟାନୁଷ୍ଠାନ

ଜୋରଦାର ହୋଇଛି । ତେବେ ଆଜିର ଏନ୍‌କାଉଣ୍ଟର ବେଳେ ପୁଞ୍ଚ୍ ସେକ୍ଟରର ସଂପୃକ୍ତ ଅଞ୍ଚଳରୁ ୩ଟି ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି ।

## ପଦ୍ମ ଆୱାର୍ଡସ୍

ପଦ୍ମ ସମ୍ମାନ ପାଇଁ ମନୋନୟନ ଓ ସୁପାରିଶ୍ ଅବଧି ଆସନ୍ତା ଅଗଷ୍ଟ ୧୫ ତାରିଖ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି । ଏହି ପୁରସ୍କାର ଲାଗି ରାଷ୍ଟ୍ରୀୟ ପୁରସ୍କାର ପୋର୍ଟାଲ୍ ମାଧ୍ୟମରେ ଅନ୍‌ଲାଇନ୍‌ରେ ମନୋନୟନଗୁଡ଼ିକୁ ଗ୍ରହଣ କରାଯିବ । ପଦ୍ମ ସମ୍ମାନ ୨୦୨୬ ଆସନ୍ତାବର୍ଷ ସାଧାରଣତନ୍ତ୍ର ଦିବସରେ ଘୋଷଣା କରାଯିବ । ଏଥିଲାଗି ଚଳିତବର୍ଷ ୧୫ ମାର୍ଚ୍ଚରୁ ମନୋନୟନ କାର୍ଯ୍ୟ ଆରମ୍ଭ ହୋଇଛି । ଦେଶର ସର୍ବୋଚ୍ଚ ବେସାମରିକ ସମ୍ମାନ ମଧ୍ୟରେ ପଦ୍ମବିଭୂଷଣ, ପଦ୍ମଭୂଷଣ ଓ ପଦ୍ମଶ୍ରୀ ରହିଛି । ଏହି ସମ୍ମାନ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପ୍ରଦାନ କରିଥିବା ବ୍ୟକ୍ତିବିଶେଷଙ୍କୁ ପ୍ରଦାନ କରାଯାଇଥାଏ ।

## ରୁଷ-ଆର୍ଥକ୍ୱେକ୍

ରୁଷିଆର କାମ୍‌ଚାଟକା ଉପଦ୍ୱୀପର ପ୍ରଶାନ୍ତମହାସାଗର ଉପକୂଳରେ ଆଜି ସକାଳେ ୮ ଦଶମିକ ୮ ତ୍ରବୀତା ବିଶିଷ୍ଟ ଭୂକମ୍ପ ଅନୁଭୂତ ହୋଇଛି। ଯୁକ୍ତରାଷ୍ଟ୍ର ଭୂତତ୍ତ୍ୱ ସର୍ଭେ ଅନୁଯାୟୀ, ପ୍ରାରମ୍ଭରେ ଏହି ଭୂକମ୍ପ ୮ ଦଶମିକ ୭ ତୀବ୍ରତା ଥିବା ରେକର୍ଡ କରାଯାଇଥିଲା । ଏହା ସାଂପ୍ରତିକ ସମୟରେ ଜାପାନର ୨୦୧୧ ବୃହତ୍ ଭୂମିକମ୍ପ ପରେ ସବୁଠାରୁ ଶକ୍ତିଶାଳୀ ଭୂକମ୍ପ ମଧ୍ୟରୁ ଅନ୍ୟତମ ବୋଲି କୁହାଯାଉଛି ।

ରୁଷିଆର ଷ୍ଟେଟ୍ ନିଉଜ୍ ଏଜେନ୍ସୀ ଅନୁଯାୟୀ ୩ଟି ସୁନାମୀ ତରଙ୍ଗ ରୁଷିଆର ବନ୍ଦର ସହର ସେଭୋରୋ- କୁରିଲସ୍କରେ ଝଟକା ଦେଇଛି । ଏଥିମଧ୍ୟରୁ ଶେଷଟି ବନ୍ଦର ଭିତ୍ତିଭୂମିକୁ କ୍ଷତିଗ୍ରସ୍ତ କରିଛି ଓ ଅନେକ

ଜାହାଜକୁ ସମୁଦ୍ର ମଧ୍ୟକୁ ଟାଣି ନେଇଛି । ଭୂକମ୍ପର କେନ୍ଦ୍ର ପ୍ରାୟ ୧୩୬ କିଲୋମିଟର ଦୂରରେ ୧୯ କିଲୋମିଟର ଗଭୀରତାରେ ପ୍ରଶାନ୍ତ ମହାସାଗରୀୟ ରିଙ୍ଗ୍ ଅଫ୍ ଫାୟାର ସହ ଅବସ୍ଥିତ ଥିଲା । ପ୍ରଶାନ୍ତମହାସାଗରୀୟ ସୁନାମୀ ଚେତାବନୀ କେନ୍ଦ୍ର ଭୂକମ୍ପ ପରେ ସତର୍କତା ଜାରି କରିଛି । ରୁଷ୍, ଜାପାନ ଏବଂ ପ୍ରଶାନ୍ତ ମହାସାଗର ଦ୍ୱୀପରାଷ୍ଟ୍ରଗୁଡ଼ିକ ପାଇଁ ସୁନାମୀ ଚେତାବନୀ ମଦ୍ୟ ଦିଆଯାଇଛି । ରୁଷିଆର କାମ୍‌ଚାଟକା ଉପଦ୍ୱୀପର କିଛି ଅଂଶରେ ୩ରୁ ୪ ମିଟର ଉଚ୍ଚ ଢ଼େଉ ଉଠିଥିବା ସୂଚନା ମିଳିଛି । ଫଳରେ ଲୋକମାନଙ୍କୁ ସ୍ଥାନାନ୍ତର କରାଯିବା ସହ ଉପକୂଳ ଅଞ୍ଚଳରୁ ଦୂରକୁ ଯିବା ପାଇଁ ସରକାରୀ ଭାବେ ସୂଚନା ଦିଆଯାଇଛି ।

ଜାପାନ ଉତ୍ତର ଉପକୂଳ ଅଞ୍ଚଳକୁ ୩୦ରୁ ୪୦ ସେଣ୍ଟିମିଟର ସୁନାମୀ ଉଠିଥିବା ସୂଚନା ମିଳିଛି । ଜାପାନର ପ୍ରଶାନ୍ତ ମହାସାଗର ଉପକୂଳରେ ୧ ମିଟର ଉଚ୍ଚର ଢେଉ ଆସିବା ନେଇ ସତର୍କ ସୂଚନା ଜାରି କରାଯାଇଛି । ତେବେ ଜାପାନର ମୁଖ୍ୟ କ୍ୟାବିନେଟ୍ ସଚିବ ଇଓସିମାସା ହାୟାସୀ କହିଛନ୍ତି ଯେ, ଏପର୍ଯ୍ୟନ୍ତ ଏଥିରେ କାହାରି ମୃତାହତ ଘଟିନି କିମ୍ବା ବଡ଼ଧରଣର କ୍ଷତି ହୋଇଥିବା ରିପୋର୍ଟ ମିଳିନାହିଁ ।

---

## ଚୀନ୍-ଟାଇଫୁନ୍

ଚୀନ୍‌ର ଝିନ୍‌ଜିଆନ୍ ପ୍ରଦେଶରେ ଆଜି ସକାଳେ ଟାଇଫୋନ୍ **କୋ-ମେ** ସ୍ଥଳଭାଗ ଛୁଇଁଛି । ଏହି ଝଡ଼ ଉତ୍ତର-ପଶ୍ଚିମାଞ୍ଚଳରେ ଘଣ୍ଟାପ୍ରତି ୧୫ରୁ ୨୦ କିଲୋମିଟର ବେଗରେ ବହୁଥିବା ବେଳେ ଏହା ପୂର୍ବ ଚୀନ୍ ସାଗର ନିକଟବର୍ତ୍ତୀ ହେଉଥିବାରୁ ପ୍ରବଳ ବେଗରେ ବଳ ଗୋଟାଇ ଚାଲିଛି । ଇତିମଧ୍ୟରେ ସେଠାକାର କର୍ତ୍ତୃପକ୍ଷ ଝଡ଼ର ଗତିବିଧକୁ ଲକ୍ଷ୍ୟ କରି ୩ ସ୍ତରୀୟ ଜରୁରୀକାଳୀନ

ସଂକେତ ଜାରି କରିଛନ୍ତି । ପୂର୍ବରୁ ଚୀନ୍‌ର ଜଳସମ୍ପଦ ମନ୍ତ୍ରଣାଳୟ ପକ୍ଷରୁ ସାଂଘାଇ, ଜିଆଙ୍ଗସୁ, ଅନ୍‌ହୁଇ ଓ ଜିଆନ୍‌ଝିରେ ବନ୍ୟା ଆଶଙ୍କା ନେଇ ଚାରିସ୍ତରୀୟ ଜରୁରୀକାଳୀନ ସ୍ଥିତି ଘୋଷଣା କରିଛନ୍ତି ।

## ଆଇଏମ୍‌ଏଫ୍‌-ଇଣ୍ଡିଆ

ଆନ୍ତର୍ଜାତିକ ମୁଦ୍ରାପାଣ୍ଠି ୨୦୨୫ରେ ଭାରତର ଅଭିବୃଦ୍ଧି ୬ ଦଶମିକ୍ ୭ ପ୍ରତିଶତ ଏବଂ ୨୦୨୬ରେ ୬ ଦଶମିକ୍ ୪ ପ୍ରତିଶତ ରହିବ ବୋଲି ଆକଳନ କରିଛି । ଦେଶର ଅର୍ଥନୈତିକ ପରିସ୍ଥିତି ଏବଂ ସାମ୍ପ୍ରତିକ ତଥ୍ୟ ଆଧାରରେ ଆଇ.ଏମ୍.ଏଫ୍. ଏହି ଆକଳନ କରିଥିବା ଜଣାପଡ଼ିଛି । ପୂର୍ବରୁ ଭାରତର ଜି.ଡି.ପି. ଅଭିବୃଦ୍ଧି ୨୦୨୫ ବର୍ଷ ପାଇଁ ୬ ଦଶମିକ୍ ୨ ପ୍ରତିଶତ ଏବଂ ୨୦୨୬ ପାଇଁ ୬ ଦଶମିକ୍ ୩ ପ୍ରତିଶତ ରହିବ ବୋଲି ଆକଳନ କରିଥିଲା । ୨୦୨୫ ବର୍ଷ ପାଇଁ ବିଶ୍ୱ ଅଭିବୃଦ୍ଧି ୩ ପ୍ରତିଶତ ଏବଂ ୨୦୨୬ ପାଇଁ ୩ ଦଶମିକ୍ ୧ ପ୍ରତିଶତ ରହିବ ବୋଲି ଆଇ.ଏମ୍.ଏଫ୍. ଅନୁମାନ କରିଛି ।

## ଇଡ଼ି-ଛତିଶଗଡ଼

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ-ଇଡି ଆଜି ଡାକ୍ତରୀ ଯନ୍ତ୍ରପାତି ଯୋଗାଣ ଦୁର୍ନୀତିରେ ଛତିଶଗଡ଼ର ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି । ଇଡ଼ି ପକ୍ଷରୁ ଏକ ବିବୃତିରେ କୁହାଯାଇଛି, ମୁକ୍ଷିତ କର୍ପୋରେସନ୍ ସହ ସଂପୃକ୍ତ ଥିବା ଶଶାଙ୍କ ଚୋପ୍‌ଡା ଏବଂ ଛତିଶଗଡ଼ ମେଡ଼ିକାଲ ସର୍ଭିସେସ୍ କର୍ପୋରେସନ ଲିମିଟେଡ-ସିଜିଏମ୍‌ଏସ୍‌ସିର କେତେକ ଅଧିକାରୀଙ୍କ ଘର ଓ ବାସଭବନ ଉପରେ ଏଭଳି ଚଢ଼ାଉ କରାଯାଇଛି । ସଂସ୍ଥା ପକ୍ଷରୁ ଆହୁରି କୁହାଯାଇଛି, ଶଶାଙ୍କ ଚୋପ୍‌ଡା ସିଜିଏମ୍‌ଏସ୍‌ସି ସହ ବେଆଇନ ଭାବେ ଚୁକ୍ତି କରି ଡାକ୍ତରୀ ଉପକରଣ ଯୋଗାଉଥିଲେ । ଏଥିଲାଗି କଣ୍ଟ୍ରାକ୍ଟ ପାଇବା ପରେ ଚୋପ୍‌ଡା ସରକାରୀ

ଅଧିକାରୀମାନଙ୍କୁ ପ୍ରଭାବିତ କରି ୫୦୦କୋଟି ଟଙ୍କାର କ୍ରୟ ଅର୍ଡର ହାତେଇବାରେ ସକ୍ଷମ ହୋଇଥିଲେ ।

## ଫୁଟବଲ୍-ଏସିଆନ୍ କପ୍

୨୦୨୬ ଏ.ଏଫ୍.ସି. ମହିଳା ଏସିଆ କପ୍ ଫୁଟ୍‌ବଲ୍ ପ୍ରତିଯୋଗିତା ପାଇଁ ଗ୍ରୁପ୍-ସି ରେ ଭାରତ ସ୍ଥାନିତ ହୋଇଛି । ଅନ୍ୟ ଦଳ ଗୁଡ଼ିକ ମଧ୍ୟରେ ଏହି ଗ୍ରୁପ୍‌ରେ ଜାପାନ୍, ଭିଏତନାମ ଏବଂ ଚାଇନିଜ୍ ତାଇପେ ରହିଛନ୍ତି । ଅଷ୍ଟ୍ରେଲିଆର ସିଡ୍‌ନି ଟାଉନ୍ ହଲ୍ ଠାରେ ଗ୍ରୁପ୍ ଚିହ୍ନଟ ପ୍ରକ୍ରିୟା ଶେଷ ହୋଇଛି । ଟୁର୍ଣ୍ଣାମେଣ୍ଟରେ ଗ୍ରୁପ୍-ଏରେ ଅଷ୍ଟ୍ରେଲିଆ, କୋରିଆ ଗଣରାଜ୍ୟ, ଇରାନ୍ ଏବଂ ଫିଲିପାଇନ୍ସ ରହିଥିବା ବେଳେ ଗ୍ରୁପ୍-ବିରେ ଡି.ପି.ଆର୍. କୋରିଆ, ଚୀନ୍ ପି.ଆର୍., ବାଂଲାଦେଶ ଏବଂ ଉଜ୍‌ବେକିସ୍ତାନ ରହିଛି ।